## ସଂକ୍ଷେପରେ

### ଘୋଡ଼ାହାଡ଼ କେନାଲ କାମ ସମ୍ପୂର୍ଣ୍ଣ ପାଇଁ ସ୍ମାରକପତ୍ର

ଦିଗପହଣ୍ଡି,୨/୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପଦ୍ମନାଭପୁର ପଞ୍ଚାୟତର ଭାମଦେବପୁର, ନନ୍ଦ ଗାଁ, କଇଁଠା, ନୂଆଁ ଦ୍ୱାର ଗାଁକୁ ଘୋଡ଼ାହାଡ଼ କେନାଲ ହେଲେ ମଧ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଗତ ୨୦୦୩ରେ ଏହି ତାରେଟି ଗ୍ରାମର ଚାଷ ଜମିକୁ ଘୋଡ଼ାହାଡ଼ ଡ୍ୟାମ୍ ବାମ କେନାଲ ଅଧୀନ ଚକାଡେଙ୍ଗୁଳି ଗ୍ରାମଠାରୁ ପାଣି ଯୋଗାଇବା ପାଇଁ କେନାଲ କାମ ଆରମ୍ଭ ହୋଇଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ନିର୍ମାଣ କାର୍ଯ୍ୟ ଏଯାଏ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ନିୟମିତ ବର୍ଷା ଅଭାବରୁ ଚାଷୀମାନେ ପ୍ରଭାବିତ ହେଉଛନ୍ତି। ଜମିକୁ କେନାଲ ଜଳ ମାଡୁନି। ରାଜନୈତିକ ପକ୍ଷପାତିତା ଯୋଗୁ ଏହି ସବୁ ଗ୍ରାମର ଚାଷୀ କେନାଲ ପାଣି ପାଇ ପାରୁନାହାନ୍ତି। ବର୍ତ୍ତମାନ ଉଗ୍ର ଓ ଆନ୍ଦୋଳନମୁଖୀ ହେଲେଣି। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ସୋମବାର ବ୍ରହ୍ମପୁରସ୍ଥିତ ଆରଡିଏନ୍ ବେସିନ ରଣ୍ଡିଗୁଲ୍ୟା, ବଂଶଧାରା, ନାଗାବଳୀ ଅବବାହିକାର ମୁଖ୍ୟଯନ୍ତ୍ରୀ ଇଂ.ସଞ୍ଜୀବ ଦାସ ଶର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶିଘ୍ର କେନାଲର ବକଳା କାର୍ଯ୍ୟ ସମ୍ପୂର୍ଣ୍ଣ କରାଗଲେ କେନାଲ ଦ୍ୱାରା ଚାଷୀମାନେ ନିଜ ଜମିକୁ ଜଳ ପାଇପାରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଚାଷୀଙ୍କ ଦାବି ପ୍ରତି ମୁଖ୍ୟଯନ୍ତ୍ରୀ ଆସନ୍ତା ୧୫ ତାରିଖରେ ପ୍ରକଳ୍ପ ସ୍ଥାନକୁ ଯାଇ ପରିସ୍ଥିତିର ଅନୁଧ୍ୟାନ କରିବେ ଏବଂ ଏଥିନିମନ୍ତେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଅଭିମନ୍ୟୁ ଜାନି, ସାମାଜିକ ସାସମଲ, ଦେବପାଣି ପାତ୍ର, ସୁଶାନ୍ତ ଗୌଡ଼, ବାବୁ ପ୍ରଧାନ, ଭାଗୀରଥି ଦାଶ, ପ୍ରତାପ ଗୌଡ଼, ପ୍ରକାଶ ପ୍ରଧାନ, ଦର୍ଶନ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

### ପରିବେଶ ସୁରକ୍ଷା ସଚେତନତା ପଦଯାତ୍ରା

ଛତ୍ରପୁର,୨/୭(ସନ୍ତୋଷ ପାଢ଼ୀ):

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଛତ୍ରପୁର ଶାଖା ଆନୁକୁଲ୍ୟରେ ଏବଂ ପ୍ରତିଭା ଆବାସିକ ମହାବିଦ୍ୟାଳୟ ସହଯୋଗରେ ବୃକ୍ଷ ଗଙ୍ଗା ଅଭିଯାନ ଓ ପରିବେଶ ସୁରକ୍ଷା ସଚେତନତା ପଦଯାତ୍ରା ହୋଇଛି। ଏଥିରେ ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ପ୍ରତିଭା କଲେଜ ଅଧକ୍ଷ ଚିନ୍ମୟ ଦାସ, ଅବସର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ଗାୟତ୍ରୀ ପରିବାର ସଦସ୍ୟ ପ୍ରଦୀପ ଆଚାର୍ଯ୍ୟ, ଶ୍ରୀହରି ବେହେରା, କ୍ୟୁୟସ ସଦସ୍ୟ ଧର୍ମେନ୍ଦ୍ର ବେହେରା, ଅନଶୟା ପ୍ରଧାନ, ମୁନା ବେହେରା, ବିଶିକେଶନ ଦାସ ପ୍ରମୁଖ ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ମହିଳା ଆତ୍ମ ସହାୟକ ସଂଘ ସଦସ୍ୟା, ଛାତ୍ରଛାତ୍ରୀ,ଗାୟତ୍ରୀ ପରିବାର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଚାରାରୋପଣ, ପରିବେଶ ସୁରକ୍ଷ ପାଇଁ ପ୍ରଚାର ପତ୍ର, ଡ଼ାକବାଜି ଯନ୍ତ୍ର ଓ ସ୍ଲୋଗାନ ମାଧ୍ୟମରେ ପ୍ରଚାର କରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଅରୁଣ ଶତପଥୀ ସଂଯୋଜନା କରିଥିଲେ ।

# ବର୍ଷା ପୂର୍ବରୁ ପୋଖରୀ ପୁନରୁଦ୍ଧାର ଶେଷକର

ଛତ୍ରପୁର, ୨/୭ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ ):

ଗଞ୍ଜାମ ଜିଲା ନଗର ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ମଙ୍ଗଳବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷର ସ୍ୱଚ୍ଛ ସର୍ବେକ୍ଷଣ, ପୋଖରୀ ପୁନରୁଦ୍ଧାର, ସ୍ୱଚ୍ଛ ସହରୀକରଣ ଯୋଜନା, ସାମଗ୍ରୀକ ସହରୀକରଣର ବିକାଶ ସମେତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ଜିଲାପାଳ ଶ୍ରୀ ପରିଡା କରିଥିଲେ। ଅମୃତ ଯୋଜନାରେ ପୋଖରୀଗୁଡିକର ପୁନରୁଦ୍ଧାର କାର୍ଯ୍ୟ ବର୍ଷା ପୂର୍ବରୁ ଶେଷ କରିବାକୁ ପୂର୍ବରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ତଦନୁସାରେ ପୋଖରୀଗୁଡିକରୁ ପଙ୍କ ବାହାର କରି ବର୍ଷାଜଳ ଯେପରି ପୋଖରୀରେ ସୁରକ୍ଷିତ ସଞ୍ଚିତ ହେବ ସେନେଇ କାର୍ଯ୍ୟ ଖସଡ଼ା କରାଯାଇଛି। ଅନେକ ପୋଖରୀ

**ଜିଲା ନଗର ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ**



କାର୍ଯ୍ୟ ଶେଷ ହୋଇଛି। ଆଉ ଯେତକ ପୋଖରୀ କାର୍ଯ୍ୟ ଶେଷ ହୋଇନାହିଁ, ତୁରନ୍ତ ବର୍ଷା ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପେଖରୀ ମଧ୍ୟକୁ ଯେପରି ନାଳ ନର୍ଦ୍ଦମା ପାଣି ପଶିବ ନାହିଁ ସେହି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲାପାଳ ଅବଗତ କରାଇଥିଲେ। ବର୍ଷାଦିନ ଆସିଲାଣି। ବୃକ୍ଷ ରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ। ଯେଉଁ ବୃକ୍ଷ ରୋପଣ କରିବା ନିମନ୍ତେ ନିର୍ଦ୍ଦେଶ ରହିଛି କେବଳ ସେହି ବୃକ୍ଷରୋପଣ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସହରଗୁଡିକରେ ସଫେଇ କାର୍ଯ୍ୟ ଠିକ ରୂପେ ପରିଚାଳନା ହେଉଛି କି ନାହିଁ ତଦାରଖ କରି ସମୀକ୍ଷା କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଗୋପାଳପୁର ଏକ ପର୍ଯ୍ୟଟନ ସ୍ଥଳୀର ସଫେଇ ଦିଗରେ ଗୁରୁତ୍ୱ ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସମସ୍ତ କାର୍ଯ୍ୟର ଡକ୍ୟୁମେଣ୍ଟେସନ କରିବାକୁ ଜଣାଇଥିଲେ। 'ସଫେଇ ଆପନାଓ ବିମାରୀ ହଟାଓ' କାର୍ଯ୍ୟକ୍ରମକୁ ପ୍ରାଥମିକତା ଭିତ୍ତିରେ କରିବାକୁ କୁହାଯାଇଛି। ବର୍ଷା ସମୟ ଆସୁଛି, ଏଣୁ ବର୍ଷା ସମୟରେ କାର୍ଯ୍ୟଖସଡା ପ୍ରସ୍ତୁତ କରନ୍ତୁ। ରାସ୍ତାରୁ ବର୍ଷାପାଣି ନିଷ୍କାସନ ଯେପରି ସଠିକ ହେବ ସେ ଦିଗରେ ପୂର୍ବରୁ ପଦକ୍ଷେପ ଗ୍ରହଣ କରନ୍ତୁ। ଜନସାଧାରଣଙ୍କ ବ୍ୟବହୃତ ବଗିଚା, ପାର୍କରେ ବ୍ୟାୟାମ ନିମିତ୍ତ ଉଦ୍ଦିଷ୍ଟ କିମ୍ବା ପିଲାମାନଙ୍କ ଖେଳ ଯନ୍ତ୍ରପାତି ମରାମତି, ରଙ୍ଗ ଦେବା କାର୍ଯ୍ୟ କରନ୍ତୁ। ରାସ୍ତାର ଉନ୍ନତୀକରଣ କିମ୍ବା ମରାମତି କାର୍ଯ୍ୟ ବର୍ଷା ପୂର୍ବରୁ ଶେଷ କରନ୍ତୁ। ବୈଠକରେ ମୋ ଖତ ମିଶନ ଶକ୍ତି ମା' ମାନଙ୍କ ଦ୍ୱାରା କାର୍ଯ୍ୟରୁ ଅନୁଦାନ ପ୍ରଦାନ, ପ୍ରୋତ୍ସାହନ ରାଶି ଇତ୍ୟାଦି ସମ୍ପର୍କିତ ଜିଲାର ସମସ୍ତ ସହରାଞ୍ଚଳ ସମ୍ପର୍କିତ ଆଲୋଚନା ହୋଇ ଯାଇଛି। ବୈଠକରେ ଜିଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଟେଲ, ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସଂପୃକ୍ତ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

# ସରକାରୀ ମାନ୍ୟତା ପାଇବ କେଏସ୍‌ୟୁବି, ସାବିତ୍ରୀ ମହିଳା କଲେଜ



ଯୁବ ନେତା ଶିବ ଶଙ୍କର ପ୍ରଧାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୨/୭(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ପୁରାତନ ଛାତ୍ର ସଂସଦ ସଭାପତି ଏବଂ ନବ ନିର୍ବାଚିତ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ଉତ୍ସବରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ବିକାଶ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ। ତେଣୁ ରାଜନୈତିକ ଚିନ୍ତାଧାରାରୁ ଉର୍ଦ୍ଧରେ ରହି ସମସ୍ତେ କାର୍ଯ୍ୟ କରିବାକୁ ପଡ଼ିବ। ଏନେଇ କଲେଜ ପରିଚାଳନା କମିଟି ସଭାପତିଙ୍କ ସହଯୋଗ ମଧ ଲୋଡାଯିବ। ଅଞ୍ଚଳର ସମସ୍ତଙ୍କ ଉନ୍ନତି ହେଲା ଭଳି ପଦକ୍ଷେପ ନିଆଯିବ। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏବଂ ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ କେନ୍ଦ୍ର ଏବଂ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଏହି ଦୁଇ ମହାବିଦ୍ୟାଳୟ ସରକାରୀ ମାନ୍ୟତା ନଚେତ ସ୍ୱୟଂଶାସିତ ମାନ୍ୟତା କିଭଳି ମିଳିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଅଧ୍ୟକ୍ଷମାନେ ଏନେଇ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି କରିବାକୁ ଶ୍ରୀ ନାୟକ ଦୁଇ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଧ୍ୟାପକ ବିଭାସ ଦାସ ସଭାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଘୁମୁସର ସାଙ୍ଗଠନିକ ଜିଲା ଉପ ସଭାପତି ସନ୍ତୋଷ ତିଆଡି, ପୂର୍ବତନ ଛାତ୍ର ସଂସଦ କର୍ମକର୍ତ୍ତା ଏମ.ଡି ଆର୍ସଦ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ବିଧାୟକ ଶ୍ରୀ ନାୟକଙ୍କ ମାନପତ୍ରକୁ ପଠନ କରିଥିଲେ। ଡ. ରବୀନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଜ୍ଞାନ ରଞ୍ଜନ ନାୟକ, ଲେଲେନି ରାଉତ, ହର ପ୍ରସାଦ ଗୌଡ, ବିଷ୍ଣୁ ପ୍ରଧାନ, ସୁବାସ ବରାଡ, ପୂର୍ବତନ ସରପଞ୍ଚ ଶିବ ଶଙ୍କର ପ୍ରଧାନ, ସୁଧୀର ଦାସ, ବଟ ପାତ୍ର, ଗିରିଜା ଭୂୟାଁ, ଚିଦାନନ୍ଦ ସ୍ୱାଇଁ, ସନ୍ତୋଷ ବେହେରା, ଚନ୍ଦ୍ରମଣି ମହାପାତ୍ର, ବିଶିକେଶନ ରାଉତ, ଅରୁଣ ତ୍ରିପାଠୀ, ସରୋଜ ମହାପାତ୍ର, ସଚିଦାନନ୍ଦ ପ୍ରଧାନ, ଆଶିଷ ପ୍ରଧାନ, ରଞ୍ଜିତ ପାତ୍ର ପ୍ରମୁଖ ପୂର୍ବତନ ଛାତ୍ର ନେତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ନେଟ୍‌ୱର୍କ ପାଇଁ ପାହାଡ଼, ଗଛ ଚଢୁଛନ୍ତି ଲୋକେ

ଆର.ଉଦୟଗିରି, ୨/୭ (ମନୋଜ କୁମାର ପାତ୍ରୀ)

ସରକାର ଡିଜିଟାଲ ଇଣ୍ଡିଆ କହୁଥିବା ବେଳେ ଏଠାରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ଇଣ୍ଟରନେଟର ବା ଯୋଗାଯୋଗ କରିବା ପାଇଁ ମୋବାଇଲ ନେଟୱର୍କର ଆବଶ୍ୟକତା ପଡୁଛି। ହେଲେ ଆର. ଉଦୟଗିରି ଥାନା ଅଞ୍ଚଳରେ ଏବେ ବି କିଛି ଗ୍ରାମ ରହିଛି ଯେଉଁଠାରେ ଲୋକମାନେ ନେଟୱର୍କ ପାଇଁ ପାହଡ ଓ ଗଛ ଚଢୁଛନ୍ତି। ଗଜପତି ଜିଲାର ପ୍ରାଣକେନ୍ଦ୍ର ତଥା କେନ୍ଦ୍ରସ୍ଥଳରେ ଥିବା ଆର,ଉଦୟଗିରି ଗ୍ରାମର ମିନି ଷ୍ଟାଡିୟମ ପାଖରେ ନେଟୱର୍କ ପାଇବା ପାଇଁ ପାହଡ ଚଢିବାକୁ ପଡୁଛି। ମୋହନା ବିଧାୟକଙ୍କ ନିଜସ୍ୱ ଗ୍ରାମ ମହେନ୍ଦ୍ରଗଡ ପଞ୍ଚାୟତର ସୁଗାଡ଼ ଗ୍ରାମରେ ମଧ କୌଣସି ମୋବାଇଲ କମ୍ପାନିର ନେଟୱର୍କ ସ୍ଥାପନ ହୋଇନାହିଁ। ଆର,ଉଦୟଗିରି ଥାନା ଠାରୁ ୬ କିଲୋମିଟର ଦୂର ଅତରସିଂ ଗ୍ରାମ ପଞ୍ଚାୟତ ସହ ଏହାର ଆଖପାଖ ଗ୍ରାମକୁ ନେଟୱର୍କର ସୁବିଧା ନାହିଁ। ଏହି ଗ୍ରାମରେ ପାଖାପାଖି ୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ଲିଅବ ଗ୍ରାମରେ ୧୬୦ ପରିବାର ଅଛନ୍ତି, କଙ୍କୋରଦା ଗ୍ରାମରେ ୭୧ ପରିବାର। ଏମାନେ ସମସ୍ତଙ୍କୁ କୌଣସି ଜରୁରୀ କାଳିନ କାର୍ଯ୍ୟ ଲାଗି ଯୋଗାଯୋଗ କରିବା ପାଇଁ ପାହଡ ଓ ଗଛ ଉପରେ ଚଢିଲେ ଆନ୍ଧ୍ରପ୍ରଦେଶ ମେଳିଆପୁଟିର ମୋବାଇଲ ସିଗ୍ନାଲ ପାଉଛନ୍ତି। ଏହି ସମସ୍ତ ଗ୍ରାମ ଗୁଡିକରେ ୫ ହଜାରରୁ ଅଧିକ ମୋବାଇଲ ଗ୍ରାହକ ଅଛନ୍ତି । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କମ୍ପ୍ୟୁଟର କାମ ଏହି ପଞ୍ଚାୟତରେ କେମିତି ସମ୍ଭବ ତାହା ସହଜରେ ଅନୁମେୟ। ତେବେ ଯେଉଁଠାରେ ନେଟୱର୍କ ପାଇଁ ସିଗ୍ନାଲ ପାଖକୁ ଦୌଡିବାକୁ ପଡୁଛି। ଏଥିପାଇଁ ପାହଡ ଓ ଗଛ ଚଢିବାକୁ ପଡୁଛି ସେଇଠି ଗ୍ରାମବାସୀଙ୍କ ଡିଜିଟାଲ ହେବାର ସ୍ୱପ୍ନ ପୂରଣ ହେବା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି।

# ନିୟନ୍ତ୍ରଣରେ ବଡ଼କୋଦଣ୍ଡା ଝାଡ଼ାବାନ୍ତି

## ୭ ଦିନ ପର୍ଯ୍ୟନ୍ତ ଲୋକଙ୍କୁ ଔଷଧ ବଣ୍ଟନ ହେବ

ଭଞ୍ଜନଗର,୨/୭ (ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡାରେ ଲାଗିଥିବା ଝାଡ଼ାବାନ୍ତି ମଙ୍ଗଳବାର ନିୟନ୍ତ୍ରଣକୁ ଆସିଛି। ମଙ୍ଗଳବାର ଗ୍ରାମରେ କୌଣସି ନୂଆ ରୋଗୀ ବାହାରି ନାହାନ୍ତି। ଭଞ୍ଜନଗର ମେଡିକାଲରୁ ୫ ଜଣ ରୋଗୀ ସୁସ୍ଥହୋଇ ଘରକୁ ଫେରିଥିବା ବେଳେ ସୋମବାର ରାତିରେ ୩ ଜଣ ଫେରିଛନ୍ତି। ଆଉ ୩ ଜଣ ଆଜି ସୁଦ୍ଧା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜଗନ୍ନାଥ ବେହେରା, ସନ୍ତୋଷ ପାଢ଼ୀ। ଅପରପକ୍ଷେ ଯେଉଁ ଘରେ ଆକ୍ରାନ୍ତ ଥିଲେ ସମ୍ପୃକ୍ତ ଘରର ସମସ୍ତଙ୍କ ସାସ୍ଥ୍ୟ ଉପରେ ସାସ୍ଥ୍ୟ ବିଭାଗ ପକ୍ଷରୁ ନଜର ରଖାଯାଇଛି। ଏଥିସହ ସେମାନଙ୍କୁ ଏକ ସପ୍ତାହ ପର୍ଯ୍ୟନ୍ତ ଔଷଧ ଖାଇବାକୁ ଦିଆଯିବ। ଆଜି ଗ୍ରାମର ସମସ୍ତ କୂଅଗୁଡିକରେ ବ୍ଲିଚିଂ ପାଉଡର ପକାଯାଇ ପାଣିକୁ ବିଶୋଧନ କରାଯାଇଥିଲା।

# ଜିତେନ୍ଦ୍ରଙ୍କୁ ଶ୍ରେଷ୍ଠ ସାମାଜିକ କର୍ମୀ ପୁରସ୍କାର




ଜିତେନ୍ଦ୍ରଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ମୋହନା,୨/୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନାର ଜିତେନ୍ଦ୍ର କୁମାର ବେହେରା ଓଡ଼ିଶାର ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ପୁରସ୍କୃତ ହୋଇଛନ୍ତି। ସେ ୨୦ ବର୍ଷ ଧରି ବିଭିନ୍ନ ସାମାଜିକ କ୍ଷେତ୍ରରେ ସାମିଲ ହେବା ସହ ୧୮ ବର୍ଷ ହେଲା ମହାରାଜା କୃଷ୍ଣଚନ୍ଦ୍ର ଯୁବକ ସଂଘର ସମ୍ପାଦକ, ମୋହନା ବନ ସୁରକ୍ଷା ସମିତିର ସମ୍ପାଦକ, ଦଳିତ ଖାଲାସୀ ସଂଘର ସମ୍ପାଦକ ରହିଛନ୍ତି। ସାମାଜିକ କାର୍ଯ୍ୟରେ ବହୁ ପୁରସ୍କାର ପାଇବା ସହ ୨୦୨୨ରେ ଜଙ୍ଗଲ ସୁରକ୍ଷାକୁ ନେଇ ସରକାରଙ୍କ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ପାଇଥିଲେ। ମୋହନା ବ୍ଲକ ତରଫରୁ ତାଙ୍କୁ ଯୁବ ସମାଜିକ କର୍ମୀ ଭାବେ ମଧ୍ୟ ପୁରସ୍କୃତ କରାଯାଇଥିଲା। ତାଙ୍କର ଦକ୍ଷତା ଓ ଜନ କଲ୍ୟାଣ କାର୍ଯ୍ୟକୁ ଦେଖି ୱାରଲ୍ଡ ଚାରିଟି ୱେଲଫର୍ ଫାଉଣ୍ଡେଶନ୍ ଦିଲ୍ଲୀ ତରଫରୁ କଟକ ସ୍ଥିତ ଶତାବ୍ଦି ଭବନରେ ଓଡ଼ିଶାର ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରସାଦ ଚନ୍ଦ୍ର ସେଠୀ, ଆୟୋଜକ ଅମର କୁମାର ବାଗ, ଆଇଭିଡ଼ବ୍ଲୁଏ ସମ୍ପାଦକ ରଶ୍ମିତା ଟେଟେ, ଓଏସଡି ଡାକ୍ତର ହରିହର କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ।

# ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଲଗୁଣ୍ଠା,୨/୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଗୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ସାସମଲ୍ ଏବଂ ପାଲକଷଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୀତାକାନ୍ତ ତ୍ରୀପାଠି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ଭାଗ୍ୟଲତା ପ୍ରଧାନ, ବରିଷ୍ଠ କିରାଣୀ ଶରତଚନ୍ଦ୍ର ରଥ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ଶଲ୍ୟ କୁମାର ସିଅ, ସମ୍ପାଦକ ମନୋରଞ୍ଜନ ବିଷୋୟୀ, କୋଷାଧକ୍ଷ ଶଙ୍କରନାରାୟଣ ସେଠୀ ମଞ୍ଚାସୀନ ରହିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଛତ୍ରପୁର,୨/୭(ଦିଲୀପ ସାମଲ)

ଗଞ୍ଜାମ ଜିଲା ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ଉପଦେଷ୍ଟା ତାରିଣୀ ଚରଣ ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସମ୍ପାଦକ ମନୋଜ କୁମାର ସାହୁ ବୈଠକର ବିବରଣୀ ପାଠ କରିଥିଲେ। ଉପସଭାପତି ସୁଭାଷିନୀ କାହ୍ନୁ ଓ ମାଧୁରୀ ରାଉଳ, ସହ ସମ୍ପାଦକ ଅଶ୍ୱିନ କୁମାର ପାତ୍ର, ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପାତ୍ର,କୋଷାଧକ୍ଷ ସୋମନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ତାଙ୍କୁ ଉପଦେଷ୍ଟା ପଦବୀରେ ପୁଣି ରଖିବା ପାଇଁ ସଭାପତିଙ୍କୁ ଅନୁରୋଧ କରାଯାଇଥିବା ବେଳେ ସେ ସହମତି ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୨/୭ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ଅନ୍ତର୍ଗତ ଓଳମ୍ବାସ୍ଥିତ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଶିଶିର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସିଆରସିସି କାଳୁ ଚରଣ ଗୌଡ଼, ବିଜ୍ଞାନ ଶିକ୍ଷକ ସିମାଞ୍ଚଳ ଗୌଡ଼ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟ ପରାୟଣତା, ଛାତ୍ର ବତ୍ସଳ ଓ ସମୟାନୁବର୍ତ୍ତିତା ସମ୍ପର୍କରେ କହିଥିଲେ। ତାଙ୍କୁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ଶିଶିର କୁମାର ମହାନ୍ତି ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ନିଶାକର ପାତ୍ର ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ମଙ୍ଗୁଲୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଜିଷ୍ଟ୍ରେଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ମାଜିଷ୍ଟ୍ରେଟ ଉଦବୋଧନ ଦେଉଛନ୍ତି।

ଦିଗପହଣ୍ଡି,୨/୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀଙ୍କୁ ମଙ୍ଗଳବାର ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି ହରପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ମାଜିଷ୍ଟ୍ରେଟ ତ୍ରିପାଠୀଙ୍କ ନିରପେକ୍ଷ ବିଚାର ପ୍ରକ୍ରିୟା, କୋର୍ଟ ପରିଚାଳନା କ୍ଷେତ୍ରରେ ଦକ୍ଷତା, ସବ୍‌ଜଜ୍ କୋର୍ଟ ଖୋଲିବା ଦିଗରେ ଉଦ୍ୟମ ଏବଂ ଆଇନଜୀବୀମାନଙ୍କ ପ୍ରତି ବ୍ୟବହାର ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଥିଲା। ସେହିଭଳି ନିଜର ବିଦାୟୀ ଅଭିଭାଷଣରେ ମାଜିଷ୍ଟ୍ରେଟ ନ୍ୟାୟିକ ପରିଚାଳନାରେ ଓକିଲ ସଂଘର ସହଯୋଗକୁ ବେଶ୍ ପ୍ରଶଂସା କରିଥିଲେ। ଏଥିରେ ସଂଘର ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପସଭାପତି ରଞ୍ଜନ କୁମାର ବେହେରା, ସହସମ୍ପାଦକ ରବି ଚନ୍ଦ୍ର ଗୌଡ, କୋଷାଧକ୍ଷ ସୀମାଞ୍ଚଳ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମମୁକ୍ତ ଜିଲା ଗଠନ ସଂକଳ୍ପ

ଛତ୍ରପୁର, ୨/୭ (ଦିଲୀପ ସାମଲ)

ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଅଧକ୍ଷତା କରିଥିଲେ। ଶିଶୁ ଶ୍ରମିକ ପ୍ରଥାକୁ ଏକ ସାମାଜିକ ବ୍ୟାଧି ରୂପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ଅତିରିକ୍ତ ଜିଲାପାଳ ପୃଷ୍ଟି କହିଥିଲେ। ଶିଶୁ ଶ୍ରମିକ ନିଯୁକ୍ତି ଏକ ଦଣ୍ଡନୀୟ ଅପରାଧ ଅଟେ। ୧୪ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ୧୫ ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଅପରାଧ ଅଟେ। ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ଜୋରିମାନା ଓ କାରାଦଣ୍ଡ ଭୋଗିବାକୁ ପଡିବ। ଏହି

## ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବୈଠକରେ ବିଗତ ଦିନରେ ବିଭିନ୍ନ ବିଭାଗ ପକ୍ଷରୁ ଶିଶୁମାନଙ୍କ ପାଇଁ କ'ଣ ସବୁ କାର୍ଯ୍ୟକ୍ରମ କରାଯାଇଛି ଅତିରିକ୍ତ ଜିଲାପାଳ ପଚାରି ବୁଝିଥିଲେ। ଶିଶୁ ଶ୍ରମିକ ରୋକିବା ପାଇଁ ବ୍ୟାପକ ସଚେତନତା ସହ ଚଡାଉ କରିବାକୁ କୁହାଯାଇଛି । ବୈଠକରେ ଶ୍ରମ ବିଭାଗ ଓ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି) ବିଭାଗ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ଏପରିକି ଶ୍ରମ ବିଭାଗ ସିଡବ୍ଲୁସି ବିଭାଗକୁ କୌଣସି ବୈଠକକୁ ଡାକୁ ନ ଥିବା କହିଥିଲେ। କେତେ ଶିଶୁ ଉଦ୍ଧାର କରାଯାଇଛି ଉଭୟ ବିଭାଗର ତାଳମେଳ ରହୁନାହିଁ । ଆଗାମୀ ଦିନରେ ଶିଶୁ ଶ୍ରମିକ ରୋକିବା ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ଏସ୍‌ଓପି ଜାରି କରାଯିବ। ପ୍ରତି ୱାର୍ଡସ୍ତରରୁ, ଜିପି ସ୍ତରରୁ, ବ୍ଲକସ୍ତରୀୟ ଟାସ୍କ ଫୋର୍ସ କମିଟି ଓ ଜିଲାସ୍ତରୀୟ ଟାସ୍କ ଫୋର୍ସ କମିଟି ଗଠନ ହୋଇ ବୈଠକ କରାଯିବ। ଶିଶୁ ଶ୍ରମମୁକ୍ତ ଗଞ୍ଜାମ ଜିଲା କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ଓ ସଂକଳ୍ପ। ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ବ୍ରହ୍ମପୁର ଶ୍ରମ ଆୟୁକ୍ତ ବାବୁ ଚରଣ ପାତ୍ର, ଶିଶୁ କଲ୍ୟାଣ କମିଟି ଅଧକ୍ଷ ଡ.ଦିଲୀପ ତ୍ରିପାଠୀ, ବ୍ରହ୍ମପୁର ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ, ଛତ୍ରପୁର ଶ୍ରମ ଅଧିକାରିଣୀ ବର୍ଷାରାଣୀ ଜେନା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା, ଜିଲା ମଙ୍ଗଳ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ଜିଲାର କାଜୁ ୟୁନିୟନ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ବାରୁସିଂ ଗ୍ରାମବାସୀ

ପାରଳାଖେମୁଣ୍ଡି,୨/୭(ଗିରିଧାରୀ ପରିଛା)

ଗଜପତି ଜିଲା ଗୁମ୍ମା ବ୍ଲକରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଜିଲାରେ ଆଦିବାସୀମାନଙ୍କ ଉନ୍ନତୀ ପାଇଁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଡିଆରଡିଏ ଓ ସରକାରଙ୍କ ବିଭିନ୍ନ ବିଭାଗ ମଧ କାମ କରୁଛି। ତଥାପି ଗୁମ୍ମା ବ୍ଲକ ଅନ୍ତର୍ଗତ ବାରୁସିଂ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଠାରେ ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ବେଳେ ପିଇବା ପାଣି ସାତ ସପନ ହୋଇଛି।

ବୃଷଭ ପଞ୍ଚାୟତର ବାରୁସିଂ ଗ୍ରାମରେ ୪୫ରୁ ୫୦ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୨୦୦ରୁ ଉର୍ଦ୍ଧ୍ୱ। ହେଲେ ସରକାରଙ୍କ ନିୟମ ଅନୁଯାୟୀ ୧୫୦ରୁ ଉର୍ଦ୍ଧ ପରିବାର ନ ଥିବା ଦର୍ଶାଇ ଗ୍ରାମକୁ ପକ୍କା ରାସ୍ତା ହୋଇପାରୁ ନ ଥିବା ଜଣାପଡ଼ିଛି। ଜଙ୍ଗଲ ଘେରା ଏହି ଗ୍ରାମଟି ବନ୍ୟଜନ୍ତୁ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ସନ୍ଧ୍ୟା ହେଲେ ଗାଁ ନିକଟକୁ ବନ୍ୟଜନ୍ତୁ ଚାଲିଆସନ୍ତି। ଗାଁର ଛାତ୍ରୀଛାତ୍ରମାନେ ବର୍ଷା ଦିନରେ ସ୍କୁଲ ଯିବାଆସିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ପାଠପଢ଼ାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଏଠାରେ ଗୋଟିଏ ବି ନଳକୂପ ଖନନ କରାଯାଇ ନାହିଁ। ୫କିମି ଦୂରରେ ପାହାଡ଼ ତଳେ ଗୋଟିଏ କୂଅ ଓ ୨୦ ଫୁଟ ଗଭୀର ତଳେ ଦୁଇ ପଥର ମଧ୍ୟରେ ଝରଣା ପାଣି ଉପରେ ଗାଁ ଲୋକେ ନିର୍ଭରଶୀଳ। ଜିଲା ମୁଖ୍ୟ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ଥିବା ଏହି ଗ୍ରାମବାସୀ ସମସ୍ୟା ନେଇ ପ୍ରଶାସନ ଓ ରାଜନେତାମାନଙ୍କୁ ଜଣେଇ ଥକି ପଡିଥିଲେ ମଧ ସୁଫଳ ମିଳିପାରୁ ନାହିଁ। ଏ ନେଇ ବିଡ଼ିଓ ଆକାଶ କୁମାର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ସମାଧାନ କରିଯିବ ବୋଲି କହିଛନ୍ତି।



ମହିଳାମାନେ ଝରଣାରୁ ପାଣି ସଂଗ୍ରହ କରିବାକୁ ଆସିଛନ୍ତି।

# ଫାର୍ମାସୀ ଅଫିସରଙ୍କ ଭରସାରେ ରୋଗୀ

## ଲାଠି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରବିଭିନ୍ନ ସମୟରେ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା ବେଳେ ଗ୍ରାମାଞ୍ଚଳରେ ରୋଗୀ କେଉଁଠି ଫାମାର୍ସୀ ଅଫିସର ତ ଆଉ କେଉଁଠି ନର୍ସିଂ ଅଫିସରଙ୍କ ଉପରେ ଭରସା କରୁଛନ୍ତି। ଡାକ୍ତରଖାନାକୁ କେତେବେଳେ ଡାକ୍ତର ଆସୁଛନ୍ତି ଗ୍ରାମବାସୀ ଜାଣିପାରୁ ନାହାନ୍ତି। ବ୍ରହ୍ମପୁର ନିକଟ ଲାଠି ଗ୍ରାମରେ ଥିବା ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି।

କୁକୁଡାଖଣ୍ଡି ବ୍ଲକର ଲାଠି ପଞ୍ଚାୟତରେ ୨୦୨୨ ଜାନୁଆରୀ ୭ ତାରିଖରେ ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ତେବେ ୨ବର୍ଷ ହେଲା ଲୋକଙ୍କୁ ସେବା ମିଳୁଥିବା ବିଭାଗୀୟ କର୍ତ୍ତୃପକ୍ଷ ଜାଣୁଥିଲେ ବି ଅବ୍ୟବସ୍ଥା ସମ୍ପର୍କରେ ଅବଗତ ନାହାନ୍ତି। ଏଠାରେ ୨ ଜଣ ଡାକ୍ତର, ଜଣେ ଫାର୍ମାସୀ ଅଫିସର, ଜଣେ ନର୍ସିଂ ଅଫିସର, ଜଣେ ଲାବୋରେଟାରୀ ଟେକ୍ନିସିଆନ, ଜଣେ ଆଟେଣ୍ଡାଣ୍ଟ, ଜଣେ ସୁଇପର ପଦବୀ ଓ ଜଣେ ସୁରକ୍ଷା କର୍ମଚାରୀ ରହିବା ପାଇଁ ମଞ୍ଜୁର ହୋଇଛି। କିନ୍ତୁ ଜଣେ ଡାକ୍ତର କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡେପୁଟେଶନରେ ଆସି ଏଠାରେ ରୋଗୀ ଦେଖୁଛନ୍ତି। ଲାବୋରେଟାରୀ ଟେକନିସିଆନ ଓ ସୁଇପର ଆଉଟସୋର୍ସିଂ କର୍ମଚାରୀ ହୋଇଥିବାବେଳେ ନର୍ସିଂ ଅଫିସର ଓ ସୁରକ୍ଷା କର୍ମଚାରୀ ପଦବୀ ଖାଲି ପଡିଛି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ସମୟ ରହିଥିବା ବେଳେ କୌଣସି ଜରୁରୀକାଳୀନ ସେବା ମିଳିପାରୁନାହିଁ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲାଠି ପଞ୍ଚାୟତ ସହିତ ମୋହୁଡା, କୁଆଁରପୁର, ବେନ୍ଦାଳିଆ, ଗ୍ରାମବିକାଶ, ମନହରା, ଲାଠି ଆଦି ଗାଁର ଲୋକେ ନିର୍ଭରଶୀଳ। ହେଲେ ଡାକ୍ତର କେତେବେଳେ ଆସୁଛନ୍ତି କେହି ଜାଣିପାରୁନାହାନ୍ତି। କେବଳ ଫାର୍ମାସୀ ଅଫିସର ରୋଗୀଙ୍କ ଭରସା ପାଲଟିଛନ୍ତି। ଏଠାରେ କ୍ୱାର୍ଟର୍ସ ନ ଥିବାରୁ କୌଣସି କର୍ମଚାରୀ ରହୁନାହାନ୍ତି। ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ବାଧ୍ୟ ହୋଇ ବ୍ରହ୍ମପୁର ଆସି ସିଟି ହସ୍ପିଟାଲ କିମ୍ବା ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଫାମାର୍ସୀ ଅଫିସର ନିୟମିତ ରୋଗୀଙ୍କ ଚିକିତ୍ସା କରୁଥିବାବେଳେ ଔଷଧ ବିତରଣ ବି କରୁଛନ୍ତି। କ୍ୱାର୍ଟର୍ସ ନଥିବାରୁ ସେ ମଧ୍ୟ ବ୍ରହ୍ମପୁରରେ ରହୁଛନ୍ତି।

ଅନ୍ୟପଟେ ମେଡିକାଲ ପାଇଁ ନିର୍ଦ୍ଧାରିତ ସ୍ଥାନ ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ମେଡିକାଲ ପରିସର ସନ୍ଧ୍ୟା ବେଳେ ନିଶାଡିଙ୍କ ଆଡ୍ଡାସ୍ଥଳ ପାଲଟୁଛି। ଏ ନେଇ ସିଡିଏମଓ ଡ. ଉମା ଶଙ୍କର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି , କୁକୁଡାଖଣ୍ଡିରେ ଥିବା ଜଣେ ମହିଳା ଡାକ୍ତରଙ୍କୁ ଡେପୁଟେଶନରେ ଲାଠି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ଏଠାରେ କ୍ୱାର୍ଟର୍ସ ନ ଥିବା କଥା ସେ ଜାଣିନାହାନ୍ତି ବୋଲି କହିଛନ୍ତି।



ଲାଠି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର।

## ମେଡିକାଲ ପରିଦର୍ଶନ କଲେ ମନ୍ତ୍ରୀ ଗୋକୁଳାନନ୍ଦ


ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ।

ବୁଗୁଡ଼ା,୨।୭(କାଳିଚରଣ ଦାଶ):

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଙ୍ଗଳବାର ସନ୍ଧ୍ୟାରେ ଅଚାନକ ବୁଗୁଡ଼ା ମେଡିକାଲରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସିଡିଏମ୍‌ଓଙ୍କୁ ଫୋନ କରି ତୁରନ୍ତ ଆବଶ୍ୟକ ଡାକ୍ତର ଓ ନର୍ସ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମେଡିକାଲରେ ଏକ୍ସ ରେ ମେସିନ ନ ଥିବା, ସ୍ପେସିଆଲିଷ୍ଟ ଡାକ୍ତର ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ମନ୍ତ୍ରୀ ମେଡିକାଲରେ ପହଞ୍ଚିଲା ବେଳକୁ ମେଡିକାଲ ପରିସର ସମ୍ପୂର୍ଣ୍ଣ ଅନ୍ଧାର ଥିବା ବେଳେ କୌଣସି ଡାକ୍ତର ନ ଥିଲେ। କିଛି ସମୟ ପରେ ମେଡିକାଲ ଅଫିସର ଦାୟିତ୍ୱରେ ଥିବା ଡାକ୍ତର କାମାକ୍ଷୀ ବିଷୋୟୀ ପହଞ୍ଚି ମେଡିକାଲର ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ସାମାନ୍ୟ ରୋଗୀଙ୍କୁ ବ୍ରହ୍ମପୁର ରେଫେର ନ କରି ଏଠି ସାଧ୍ୟ ମତେ ଚିକିତ୍ସା ସେବା ଯୋଗାଇ ଦେବା ଏବଂ ରୋଗୀମାନଙ୍କୁ ମେଡିକାଲ ତରଫରୁ ମାଗଣା ଔଷଧ ପ୍ରଦାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ: କାର୍ଯ୍ୟରେ ଯୋଗଦେଲେ ୫୮ ପ୍ରାଧାପକ

ବ୍ରହ୍ମପୁର, ୨।୭(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୫୮ ନୂଆ ପ୍ରାଧାପକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ପ୍ରକାରେ ଚଳିତ ଶିକ୍ଷାବର୍ଷ ପାଇଁ ୬୮ ପ୍ରାଧାପକଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ୨ ପ୍ରଫେସର, ୫ ଆସୋସିଏଟ ପ୍ରଫେସର ଓ ୬୧ ଆସିଷ୍ଟାଣ୍ଟ ପ୍ରଫେସର ଥିଲେ। ହେଲେ କୌଣସି କାରଣରୁ ବଳକା ୧୦ ପ୍ରାଧାପକ କାର୍ଯ୍ୟରେ ଯୋଗଦେଇ ନ ଥିବା ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଖଲ୍ଲିକୋଟ ସ୍ୱୟଂଶାସିତ କଲେଜର ଶିକ୍ଷକ ଓ କର୍ମଚାରୀ ହିଁ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠ ପଢାଉଛନ୍ତି । ପୂର୍ବରୁ ଏଠାରେ ହାତଗଣତି ପ୍ରଫେସର ଏବଂ ଅଧ୍ୟାପକ ଥିଲେ। କିଛି ବିଭାଗରେ ଜଣେ ବି ପ୍ରଫେସର ନ ଥିଲେ । ବିଶ୍ୱବିଦ୍ୟାଳୟ ହେବା ପରେ ସମସ୍ୟା ଦେଖାଦେଇଥିଲା। ଏହା ଭିତରେ ଅତିଥି ଅଧ୍ୟାପକ ନିଯୁକ୍ତ କରାଯାଇ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପାଠ ପଢାଯାଉଥିଲା । ଫଳରେ ବିଭାଗର ଦାୟିତ୍ୱ ତଥା ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ହୋଇ ପାରୁନଥିଲା । ସେହି କ୍ରମରେ ଅବସରପ୍ରାପ୍ତ ପ୍ରଫେସର ତଥା ଅନୁଭୂତି ସମ୍ପନ୍ନ ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟରେ ଠିକା ଭାବେ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା । ସେହିକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପାଇଁ ଠିକା ନିଯୁକ୍ତି ଜରିଆରେ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସାକ୍ଷାତକାର ହୋଇଥିଲା ।

### ବିନାୟକ ଆଚାର୍ଯ୍ୟ କଲେଜରେ ୨୫ ଅତିଥି ଅଧ୍ୟାପକ ନିଯୁକ୍ତ

ବ୍ରହ୍ମପୁର,୨।୭(ସ୍ୱାଧୀନ ଶେଖର ପାଢୀ)

ଚଳିତ ଶିକ୍ଷାବର୍ଷ ପାଇଁ ବିନାୟକ ଆଚାର୍ଯ୍ୟ କଲେଜରେ ୟୁଜି ଓ ପିଜି ସମେତ ୧୨ ବିଭାଗରେ ୨୫ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଛନ୍ତି । ଉଦ୍ଭିଦ ବିଜ୍ଞାନରେ ୩, ପଦାର୍ଥ ବିଜ୍ଞାନ ୧, ରସାୟନ ବିଜ୍ଞାନ ୧, ଗଣିତ ୧, ଜୀବ ବିଜ୍ଞାନ ୩, ବାଣିଜ୍ୟ ୧, ଇତିହାସ ୪, ଇଂରାଜୀ ୩, ଅର୍ଥନୀତି ୧, ଓଡିଆ ୨, ଦର୍ଶନ ଶାସ୍ତ୍ର ୨, ରାଜନୀତି ବିଜ୍ଞାନରେ ୩ ଅଧ୍ୟାପକ ନିଯୁକ୍ତି ପାଇଥିବା କଲେଜ ବିଜ୍ଞପ୍ତିରୁ ଜଣାପଡିଛି। ସେହିଭଳି ୧୨ ବିଭାଗରେ ନିଯୁକ୍ତ ୨୪ ଆବେଦନକାରୀଙ୍କୁ ମଧ୍ୟ ରଖାଯାଇଥିବା କଲେଜ ପକ୍ଷରୁ ସୂଚନା ମିଳିଛି ।

### ନାବାଳିକା ଛାତ୍ରୀ ବଳାତ୍କାର ମାମଲା, ଯୁବକ ଗିରଫ

ବ୍ରହ୍ମପୁର,୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଜୈନିକା ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଘଟଣାରେ ବଡ଼ବଜାର ଥାନା ପୋଲିସ ଅଭିଯୁକ୍ତ ଜିତୁ ମହାରଣା (୧୯)ଙ୍କୁ ଗିରଫ କରିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ପୀଡ଼ିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି। ଜିତୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୨୬ ତାରିଖରେ ବଡ ବଜାର ଥାନା ଅଞ୍ଚଳର ଜୈନିକା ନାବାଳିକା(୧୪) ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ସଂକ୍ରାନ୍ତରେ ନଂ.୨୧୪/୨୪ରେ ଏକ ମାମଲା ରୁଜୁ କରିଥିଲା । ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଲା କି ଜିତୁ ନାବାଳିକାଙ୍କୁ ଅପହରଣ କରିଛନ୍ତି। ତାଙ୍କ ମୋବାଇଲ ଟ୍ରାକିଂ ବେଳେ ଲୋକେଶନ ଜୟପୁରରେ ଥିବା ସ୍ପଷ୍ଟ ହୋଇଥିଲା। ପୋଲିସ ଟିମ ସେଠାରେ ପହଞ୍ଚି ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଜିତୁଙ୍କୁ କାବୁ କରିଥିଲା । ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଜିତୁ ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଜଣଙ୍କ ପୋଲିସ ନିକଟରେ ବୟାନ ଦେଇଥିଲେ।

### ବନ୍ଦ ସ୍କୁଲ ଖୋଲିବାକୁ ଦାବି

ଶେରଗଡ଼, ୨।୭ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକର ୫-ଟି ସରକାରୀ ବିଦ୍ୟାଳୟକୁ ପିଲା କମ୍‌ର ଆଳ ଦେଖାଇ ବ୍ଲକ ଶିକ୍ଷା ବିଭାଗ ଜାଣିଶୁଣି ବନ୍ଦ କରିଦେଇଛି। ସେହି ବିଦ୍ୟାଳୟ ମଧ୍ୟରେ ବନ୍ଧାଗୁଡା ପଞ୍ଚାୟତର ଗୋପପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ନରେନ୍ଦ୍ରପୁର ପଞ୍ଚାୟତର ବିଜୟ ରାଜେନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ, ତାକରଡ଼ା ପଞ୍ଚାୟତର ଅନନ୍ତ ନଗର ପ୍ରାଥମିକ ବିଦ୍ୟାଳୟ, କୁମାର ପାଣି ପଞ୍ଚାୟତର ପାତ୍ରଡେପ ପ୍ରାଥମିକ ବିଦ୍ୟାଳୟ, କୃଷ୍ଣଛାଇ ପଞ୍ଚାୟତର କମଳା ଦେଇପୁର ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ତେଣୁ ଗ୍ରାମବାସୀ ଉକ୍ତ ବିଦ୍ୟାଳୟ ଖୋଲିବାକୁ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏଥବସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ମହାମାୟୀ ମହିଳା କଲେଜରେ ବନ ମହୋତ୍ସବ



ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ବୃକ୍ଷରୋପଣ କରୁଛନ୍ତି।

ବ୍ରହ୍ମପୁର,୨।୭(ସ୍ୱାଧୀନ ଶେଖର ପାଢୀ):

ଗାନ୍ଧୀନଗରସ୍ଥିତ ମହାମାୟୀ ମହିଳା କଲେଜ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି । ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଲେଜ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଗୋଟିଏ ଗଛ ମା'ଙ୍କ ନାମରେ ବିଷୟ ବସ୍ତୁକୁ ନେଇ ବୃକ୍ଷରୋପଣର କରିବା ସହ ଏହାର ମହତ୍ତ୍ୱ ବିଧାୟକ ବୁଝାଇଥିଲେ। କଲେଜ ଅଧକ୍ଷା କବିତା ଶତପଥି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଜୟନ୍ତୀ ରାଣୀ ପଣ୍ଡା,ଜାତୀୟ ସେବା ଯୋଜନା ଅଧିକାରିଣୀ ସମିତ ସାହୁଙ୍କ ମସେତ କଲେଜର ଅଧ୍ୟାପିକା ଓ ଅଧ୍ୟାପକ ଏବଂ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ ।

## ଟ୍ରେନ୍‌ରୁ ୫ ନାବାଳକ ଉଦ୍ଧାର

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢୀ)

ଟ୍ରେନ୍‌ରୁ ୫ ନାବାଳକଙ୍କୁ ବ୍ରହ୍ମପୁର ରେଳବାଇ ପୋଲିସ ଉଦ୍ଧାର କରିଛି । ସେମାନଙ୍କ ବୟସ ୧୩ ରୁ ୧୪ ବର୍ଷ ହେବ ବୋଲି ପୋଲିସ କହିଛି । ସେମାନେ କାମ କରିବା ପାଇଁ ତାମିଲନାଡୁ ଯାଉଥିଲେ ବୋଲି ଜଣାପଡ଼ିଛି। ଉଦ୍ଧାର ଶିଶୁମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ୪ଜଣ ଥିବା ବେଳେ ବିହାର ଜଣେ ଅଛନ୍ତି। ସେମାନଙ୍କୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇଥିଲା। ସିଡବ୍ଲୁସି ନିର୍ଦ୍ଦେଶରେ ହଳଦିଆପଦର ସେଲଟର ରୁମରେ ରଖାଯାଇଛି । ନାବାଳାକମାନଙ୍କ ପରିବାର ସହ ମଧ୍ୟ ଯୋଗାଯୋଗ କରାଯାଇଛି । ପରିବାର ଲୋକ ବ୍ରହ୍ମପୁରରେ ପହଞ୍ଚିବା ପରେ ପିଲାମାନଙ୍କୁ ହସ୍ତାନ୍ତର କରାଯିବ । ଦିବ୍ରୁଗଡ – କନ୍ୟାକୁମାରୀ ଏକ୍ସପ୍ରେସରେ କିଛି ଶିଶୁ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା । ବ୍ରହ୍ମପୁରରେ ଟ୍ରେନ ରହିବା ପରେ ରେଳବାଇ ପୋଲିସ ସେହି ଶିଶୁ ମାନଙ୍କୁ ଉଦ୍ଧାର କରିଛି । ସେମାନଙ୍କୁ କିଛି ଲୋକ ବାହାର ରାଜ୍ୟକୁ ଚାଲାଣ କରୁଥିବା ଜଣାପଡିବା ପରେ ତାଙ୍କ ନିକଟରେ ଥିବା କିଛି ଲୋକଙ୍କୁ ପଚରାଉଚରା କରିଥିଲା। ଶିଶୁ ମାନେ ନିଜେ ନିଜେ କାମ କରିବା ପାଇଁ ଘରୁ ଚାଲି ଆସିଥିବା ଜଣାପଡିଛି।

## ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘର ନୂତନ କର୍ମକର୍ତ୍ତା


ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଉଛି।

ବ୍ରହ୍ମପୁର,୨।୭ (ସ୍ୱାଧୀନ ଶେଖର ପାଢୀ)

ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି । ଗୋଷାଣିନୂଆଗାଁ କାଳୁଆ ମନ୍ଦିର ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଭାରୋତ୍ତୋଳନ ପ୍ରଶିକ୍ଷକ ତଥା ରାଜ୍ୟ ଭାରତ୍ତୋଳନ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ନୂତନ ସଭାପତି ଭାବେ କୁମୁଦ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ସୁଧୀର କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାସ, ଉପସଭାପତି ଗାଗାରିନ ନାୟକ, ଉଦୟନାଥ ସେଠୀ, କେ.କୁରୁମା ରାଓ, ରମେଶ ପାଢୀ, ପ୍ରଦୀପ ସାହାଣୀ, ଦିଲ୍ଲୀପ ବେହେରା ମନୋନୀତ ହୋଇଛନ୍ତି। ଜିଲା ସଂଗଠନ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ନାବାଳିକାଙ୍କୁ ଉଦ୍ଧାର କଲା ୟୁପି ପୋଲିସ, ରିମାଣ୍ଡରେ ଗଲେ ପ୍ରେମିକ

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢୀ)

ଉତ୍ତରପ୍ରଦେଶ ଚାନ୍ଦିନଗର ଥାନା ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ବ୍ରହ୍ମପୁରରୁ ଉଦ୍ଧାର କରବା ସହ ଅପହରଣକାରୀ ତଥା ପ୍ରେମିକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ମହମ୍ମଦ ଅନିଶ (୩୧)। ମାମଲାର ତଦନ୍ତକାରୀ ତଥା ଚାନ୍ଦିନଗର ଥାନା ଏସଆଇ ସୁଶୀଲ କୁମାର ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଏସଡିଜିଏମ କୋର୍ଟରେ ହାଜର କରିବା ସହ ୫ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିବାବେଳେ ତାହା ମଞ୍ଜୁର ହୋଇଛି। ପୋଲିସ ଉତ୍ତରପ୍ରଦେଶ ନେଇ ସେଠାକାର ବାଗପଥ ଏସିଜେଏମ କୋର୍ଟରେ ଆସନ୍ତା ୫ତାରିଖ ସୁଦ୍ଧା ଅଭିଯୁକ୍ତଙ୍କୁ ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଜବତ କରିଛି । ବାଗପଥ ଜିଲା ଚାନ୍ଦିନଗର ଥାନା ଅଞ୍ଚଳରୁ ନାବାଳିକା ଛାତ୍ରୀ ଅପହରଣ ହୋଇଥିବା ନେଇ ଉକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୨୭/୨୪ରେ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ ବେଳେ ଅନଲାଇଲନ ଗେମ ପବ୍‌ଜି ଜରିଆରେ ବ୍ରହ୍ମପୁର ପୋଲିସ ଜିଲାର ଜଣେ ଯୁବକଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା ବୋଲି ଜଣାପଡିଥିଲା । ଅପହୃତା ଛାତ୍ରୀଙ୍କ ମୋବାଇଲ ଟ୍ରାକିଂ ବେଳେ ତାହା ବ୍ରହ୍ମପୁର ସହରରେ ଲୋକେଶନ ଠାବ କରାଯାଇଥିଲା । ତଦନ୍ତକାରୀ ଅଧିକାରୀ ସୁଶୀଲ କୁମାରଙ୍କ ନେତୃତ୍ୱରେ ଦୁଇ ଜଣିଆ ଟିମ ବ୍ରହ୍ମପୁରରେ ପହଞ୍ଚିଥିଲେ। ଅପହରଣକାରୀଙ୍କ ମୋବାଇଲ ଲୋକେଶନ ଟାଉନଥାନା ଅଞ୍ଚଳର ହୋଇଥିବା ଜଣାପଡିଥିଲା। ପୋଲିସ ଟିମ ବ୍ରହ୍ମପୁର ଏସପିଙ୍କ ସହ ଯୋଗାଯୋଗ କରିଥିଲା। ପରେ ଟାଉନ ଥାନା ପୋଲିସ ସହାୟତାରେ ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ଅଞ୍ଚଳରୁ ଉଭୟଙ୍କୁ କାବୁ କରିଥିଲା। ସେଠାରେ ନାବାଳିକାଙ୍କୁ ଅଭିଯୁକ୍ତ ଏକ ଘର ଭଡା ନେଇ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା । ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି।

### ଅନ୍‌ଲାଇନ ଗେମରୁ ପ୍ରେମ

## ଘୁମୁସର ଜିଲା ଗଠନ ଦାବିରେ ମନ୍ତ୍ରୀଙ୍କୁ ସ୍ମାରକପତ୍ର

ବୁଗୁଡ଼ା,୨।୭(କାଳିଚରଣ ଦାଶ)

ଘୁମୁସର ଜିଲା ଗଠନ ଦାବିରେ ସୋମବାର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଘୁମୁସର ବିକାଶ ପରିଷଦ ଭଞ୍ଜନଗର ଓ ବୁଗୁଡ଼ା ଘୁମୁସର ଜିଲା ଦାବି କ୍ରିୟାନୁଷ୍ଠାନ କମିଟି ସଭାପତି ସୋମନାଥ ନାୟକଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ବୁଗୁଡ଼ା ସ୍ଥିତ ତାଙ୍କ ବାସଭବନରେ ସାକ୍ଷାତ କରି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ ସାଙ୍ଗକୁ ଘୁମୁସର ଜିଲା ଗଠନ ସମ୍ପର୍କରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏ ନେଇ ମନ୍ତ୍ରୀ ଗୋକୁଳାନନ୍ଦ କହିଥିଲେ ଯେ, ନୂଆ ଜିଲା ପାଇଁ ଦାବି ଉଠୁଥିବା ବେଳେ ଭିତ୍ତିଭୂମି ଦୃଷ୍ଟିରୁ ଘୁମୁସର ଜିଲାର ପ୍ରାଥମିକତା ରହିଛି ଏବଂ ନୂଆ ସରକାର ନୂଆ ଜିଲା ଗଠନ ନେଇ ବିଚାରକୁ ନେବା ବେଳେ ଘୁମୁସର ଜିଲା ଗଠନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେଥିପ୍ରତି ଘୁମୁସରର ବିଧାୟକମାନେ ମଧ୍ୟ ବେଶ ସଚେତନ ରହିଥିବା ନେଇ ମତ ପ୍ରକାଶ କରିଥିଲେ। ଏହି ପ୍ରତିନିଧି ଦଳରେ ସ୍ଥାନୀୟ ବୁଦ୍ଧିଜୀବୀ, ଆଇନଜୀବୀ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ଥିଲେ।

## ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨।୭(ସ୍ୱାଧୀନ ଶେଖର ପାଢ଼ୀ)

ରୋଟାରୀ ନୂତନ ବର୍ଷ ସୋମବାର ଆରମ୍ଭ ହୋଇଛି। ଏହି ଅବସରରେ ନୂତନ ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଦିବସ ଅବସରରେ ଡା. ସମ୍ବିତ ବେଗରାୟ, ଡା. ସମୀର ବାଗ ,ଡା. ଅବନୀ କାନ୍ତ ମିଶ୍ର, ଡା. ସରୋଜ କୁମାର ଦାସ, ଡା. ଅଜିତ କୁମାର ସାହୁ, ଡା. ନକୁଳ ସାହୁ,ଡା. ନୀଳାଞ୍ଚଳ ସାହୁ, ଡା. ହୃଦାନନ୍ଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଅବସରରେ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭଗବାନ ପାଢୀ, ସୁଧାଂଶୁ ଶେଖର ସାବତ, କୃଷ୍ଣ ପ୍ରସାଦ ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ନପୂର୍ଣ୍ଣା ଦିବସ ଅବସରରେ ବ୍ରହ୍ମପୁର ସହର ଉପକଣ୍ଠସ୍ଥିତ ଆମ୍ବଗଡ ଜରାନିବାସର ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଏଥିରେ କ୍ଲବର ପୂର୍ବତନ ସଭାପତି ନାରସୁ ଜେନାଙ୍କ ସମେତ ପ୍ରୋଜେକ୍ଟ ଚେୟାରମ୍ୟାନ କାମରାଜୁ ମହାରଣା,ପୂର୍ବତନ ସଭାପତି ଗଦାଧର ରାଉଳ, ବି.କୁଶ ପାତ୍ର, ପ୍ରଦୀପ କୁମାର ପଣ୍ଡା , କ୍ଲବ ସଂପାଦକ ଦୁର୍ଗା ରାଓ ,ନୃସିଂହ ଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ।

## ଚାରାରୋପଣ କଲେ ଦିଗପହଣ୍ଡି ବିଧାୟକ

ଦିଗପହଣ୍ଡି,୨।୭(ଅଶେଷ ନାଥ ମିଶ୍ର)

୭୫ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନାଞ୍ଚଳ ପକ୍ଷରୁ କଇଠଖଣ୍ଡି ପଞ୍ଚାୟତ ଗାଇଡା ଜଙ୍ଗଲ ନିକଟ ଘନ ସିଂ ଗ୍ରାମ ପଡ଼ିଆରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ମଣ୍ଡଳ ଆଞ୍ଚଳିକ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର, ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସ, ବନାଞ୍ଚଳ ଅଧିକାରୀ ଦିବ୍ୟରଞ୍ଜନ ସାହୁ ଅନୁଷ୍ଠିତ ସଚେତନତା ସଭାରେ ଯୋଗଦେଇ ଚାରା ରୋପଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକଙ୍କ ସମେତ ସମସ୍ତ ବନ ଅଧିକାରୀ ୧୫୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ।



## ସୁଭଦ୍ରା ଯୋଜନାରେ ବର୍ଗୀକରଣ ଓ ବିଭକ୍ତୀକରଣ କରା ନ ଯାଉ

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ)

ବର୍ଗୀକରଣ ଓ ବିଭକ୍ତୀକରଣ ଆଧାର ପରିବର୍ତ୍ତେ ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନା ପରିସରକୁ ଆଣିବା ପାଇଁ ଓଡିଶା ସ୍ୱାଭିମାନ ଜାଗରଣ ଫେଡେରଶନ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ ଓ ଭାଜପା ରାଜ୍ୟ ସଭାପତିଙ୍କୁ ଦାବି ପତ୍ର ପ୍ରଦାନ କରିଛି। ଫେଡେରେଶନ କହିଛି ଯେ, ଭାଜପା ନିର୍ବାଚନ ବେଳେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଲାଗୁ କରିବା ପାଇଁ ଘୋଷଣା କରିଥିଲା। ଏହି ଯୋଜନା ଅଧୀନରେ ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା ଭାଉଚର ପ୍ରଦାନ କରାଯିବ। ଯାହାକୁ ମହିଳାମାନେ ୨ ବର୍ଷମଧ୍ୟରେ ଖର୍ଚ୍ଚକରିବେ। କିନ୍ତୁ ଯୋଜନାର ରୂପରେଖ ଓ ମାର୍ଗଦର୍ଶିକା ଏ ଯାଏଁ ଚୂଡ଼ାନ୍ତ ହୋଇପାରିନାହିଁ।

ଯୋଜନାରେ କୌଣସି ମହିଳାଙ୍କୁ ବାଦ ଦିଆ ନ ଯାଇ ପାରଦର୍ଶିତା ପନ୍ଥା ଗ୍ରହଣ କରିବା ପାଇଁ ଫେଡେରେଶନ ଦାବି କରିଛି। ବିବାହିତ ମହିଳା, ସ୍ୱାମୀ ପରିତ୍ୟକ୍ତା, ବିଧବା ଓ ଅବିବାହିତା ନାରୀଙ୍କୁ ଯୋଜନାରେ ସାମିଲ ପାଇଁ ଦାବି ହୋଇଛି। ରାଶନ କାର୍ଡ ବାଧ୍ୟତାମୂଳକ କରା ନ ଯାଉ। ବିବାହ ଓ ଆୟ ପ୍ରମାଣପତ୍ର ଦାଖଲକୁ ଏହି ଯୋଜନାରୁ କାଟି ଦିଆଯାଉ। ହିତାଧିକାରୀ ଚୟନ ପ୍ରକ୍ରିୟାରେ ମାପଦଣ୍ଡ ଓ ଏହା ପ୍ରସ୍ତୁତି ସ୍ତରରେ ଥିବା ଡ୍ରାଫ୍ଟ ଏବଂ ମାର୍ଗଦର୍ଶିକାରେ ସାମିଲ କରାଯାଉ। କୌଣସି ଯୋଗ୍ୟ ମହିଳା ଉକ୍ତ ଯୋଜନରୁ ବଞ୍ଚିତ ହେଲେ ପ୍ରତିବାଦ କରାଯିବ ବୋଲି ଫେଡେରେସନ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

## ବେଲଗୁଣ୍ଠାରେ ସୋରଡ଼ା ବିଧାୟକଙ୍କ ବିଜୟ ଶୋଭାଯାତ୍ରା

ବେଲଗୁଣ୍ଠା,୨।୭( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମଙ୍ଗଳବାର ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମରେ ବିଜୟ ଶୋଭାଯାତ୍ରା କରିଛନ୍ତି । ବିଧାୟକଙ୍କ ସହିତ ଗାଙ୍ଗପୁର ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ଡାକୁଆ, ଜିଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା, ପୂର୍ବତନ ସରପଞ୍ଚ ମହନ୍ତ ରାମକୃଷ୍ଣ ଦାସ, ଘୁମୁସର ଜିଲା ଭାଜପା ମୋର୍ଚ୍ଚା ସଭାପତି କେ. ରବୀନ୍ଦ୍ର କୁମାର ପାତ୍ର, ସାଧାରଣ ସମ୍ପାଦକ ରଞ୍ଜନ ରାଉତ,ବେଲଗୁଣ୍ଠାର ବରିଷ୍ଠ ନେତା ଖଦାଳ ପଲେଇ, ନୀଳାଞ୍ଚଳ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବିଧାୟକଙ୍କୁ ବିଭିନ୍ନ ଗ୍ରାମରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବେଲଗୁଣ୍ଠାଠାରେ ନଗର ଉପାଧକ୍ଷା ପ୍ରତିନିଧି ଲିଙ୍ଗରାଜ ପାତ୍ର, ମହେନ୍ଦ୍ର ବେହେରା ବିଧାୟକ ବିଷୋୟୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ରମ୍ଭା,୨।୭(ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଅନ ସୁରେନ୍ଦ୍ର ନାଥ ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅଧକ୍ଷ ଡ଼ଃ. ରଞ୍ଜନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମଖ୍ୟଅତିଥିଭାବେ ଡଃ ଶିବ ପ୍ରସାଦ ମିଶ୍ର ଉପସ୍ଥିତ ରହିଥିଲେ ଏବଂ ଉପଢୌକନ ସହ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେନ୍ଦ୍ର ନାହାକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ଓଡ଼ିଆ ଅଧ୍ୟାପକ କାଳୁ ଚରଣ ଜେନା, ଅଧ୍ୟାପକ ରାମଚନ୍ଦ୍ର ନାହାକ, ଶରତ ଚନ୍ଦ୍ର ଯୋଷୀ, ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ଅମର ନାୟକ, ଇଁରାଜୀ ଅଧ୍ୟାପିକା ସଂଗୀତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

